# ଖପୁରିଆ ଆଇଟିଆଇରେ ଅଟୋମେଟିକ୍ ସାନିଟାଇଜ୍ ମେସିନ ଉଦ୍‌ଘାଟିତ



**କଟକ,୨୯।୬/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲା ଶିଳ୍ପ କେନ୍ଦ୍ର ଠାରେ ଅଟୋମେଟିକ ସାନିଟାଇଜ୍ ମେସିନ ଉଦ୍‌ଘାଟନ ହୋଇଯାଇଛି। କଟକ ଖପୁରିଆ ସ୍ଥିତ ଜିଲ୍ଲା ଶିଳ୍ପ କେନ୍ଦ୍ର ଠାରେ କାର୍ଯ୍ୟାଳୟକୁ ଆସୁଥିବା ଲୋକଙ୍କ ସ୍ୱାସ୍ଥ୍ୟକୁ ନଜରରେ ରଖି ଭୁବନେଶ୍ୱର ପଲାଶୁଣିସ୍ଥିତ ପ୍ରୀତି ଏଣ୍ଟର ପ୍ରାଇଜେସ ପକ୍ଷରୁ ଏକ ଅଟୋମେଟିକ ସାନିଟାଇଜ ମେସିନ କଟକ ଜିଲ୍ଲା ଶିଳ୍ପ କେନ୍ଦ୍ର ପରିସରରେ ସ୍ଥାପନ କରାଯାଇଛି। ଏହି ଅବସରରେ ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ପି. ରାଓ, ଓଡ଼ିଶା ଖଦିବୋର୍ଡ଼ ଉନ୍ନୟନ ଅଧିକାରୀ ପ୍ରଦୀପ୍ତ କୁମାର ପତି, ପ୍ରୀତି ଏଣ୍ଟର ପ୍ରାଇଜେସ ନିର୍ଦ୍ଦେଶକ ତ୍ରିଲୋଚନା ସାହୁ, ପରିଚାଳକ ପ୍ରଶାନ୍ତ କୁମାର ଜେନା ପ୍ରମୁଖ ଯୋଗଦେଇ ଏହି ଅଟୋମେଟିକ ସାନିଟାଇଜ୍ ମେସିନ ଉଦ୍‌ଘାଟନ କରିଥିଲେ।